## ୧୧.୩ ସଂସଦରେ ଆଇନ୍ ପ୍ରଣୟନ ପ୍ରଣାଳୀ

ଆଗରୁ ପ୍ରକାଶ କରାଯାଇଛି ଯେ ମୁଖ୍ୟତଃ ସଂସଦ ଆଇନ୍ ପ୍ରଣୟନ କରିବା ପାଇଁ ଉଦ୍ଦିଷ୍ଟ ଏକ ସଂସ୍ଥା । ଯେ କୌଣସି ପ୍ରସ୍ତାବିତ ଆଇନ୍ ସଂସଦରେ ଏକ ବିଲ୍ ବା ଚିଠା ରୂପେ ଆଗତ କରାଯାଇଥାଏ । ସଂସଦ ଦ୍ୱାରା ଗୃହୀତ ହୋଇ ରାଷ୍ଟ୍ରପତିଙ୍କ ସ୍ୱିକୃତି ପାଇବାପରେ ତାହା ଆଇନ୍‌ରେ ପରିଣତ ହୋଇଥାଏ । ବର୍ତ୍ତମାନ ତୁମେ ଜାଣିବ ଯେ, ସଂସଦରେ କିପରି ଆଇନ୍ ପ୍ରଣୟନ ହୁଏ । ସଂସଦ ସମ୍ମୁଖରେ ଦୁଇ ପ୍ରକାରର ବିଲ୍ ବା ଚିଠା ଆଗତ ହୋଇଥାଏ । ପ୍ରଥମଟି ହେଲା ସାଧାରଣ ବିଲ୍ ବା ଚିଠା ଓ ଦ୍ୱିତୀୟଟି ହେଲା ଅର୍ଥବିଲ୍ ବା ଚିଠା । ଏଠାରେ ଆମେ ପ୍ରତ୍ୟେକ ଚିଠା ବା ବିଲ୍ ସମ୍ବନ୍ଧରେ ଆଲୋଚନା କରିବା

### ୧୧. ୩.୧ ସାଧାରଣ ବିଲ୍ ବା ଚିଠା

ସଂସଦର ପ୍ରତ୍ୟେକ ସଭ୍ୟଙ୍କର ସଂସଦରେ ଏକ ସାଧାରଣ ବିଲ୍ ଆଗତ କରିବାର ଅଧିକାର ରହିଛି । ଏହି ଦୃଷ୍ଟିରୁ ସାଧାରଣ ବିଲ୍ ଦୁଇ ପ୍ରକାରର – ସରକାରୀ ବିଲ୍ ଓ ବେସରକାରୀ ବିଲ୍ । ଜଣେ ମନ୍ତ୍ରୀ ସରକାରୀ ବିଲ୍ ଆଗତ କରିଥାଆନ୍ତି ଓ ଯେଉଁ ବିଲ୍ ମନ୍ତ୍ରୀଙ୍କ ଦ୍ୱାରା ଆଗତ ହୋଇନଥାଏ ତାକୁ ବେସରକାରୀ ବିଲ୍ ବା ଚିଠା କୁହାଯାଏ । ଯାହାର ଅର୍ଥ ହେଲା ଯେ ସେହି ବିଲ୍ ଜଣେ ମନ୍ତ୍ରୀଙ୍କ ଦ୍ୱାରା ଆଗତ ନହୋଇ ସଂସଦର ଜଣେ ସଭ୍ୟଙ୍କ ଦ୍ୱାରା ଆଗତ ହୋଇଥାଏ । ସଂସଦର ଅଧିକାଂଶ ସମୟ ସରକାରୀ ବିଲ୍‌କୁ ନେଇ ବ୍ୟୟ ହୋଇଥାଏ ।

ବିଲ୍ ବା ଚିଠା ବଭିନ୍ନ ସ୍ତର ଦେଇ ଗତିକରି ଥାଏ :-

**୧। (କ)ପ୍ରଥମ ପାଠ :** ବିଲ୍ ଆଗତ ହେବା ସହ ବିଲ୍‌ର ପ୍ରଥମ ପାଠ ଆରମ୍ଭ ହୋଇଥାଏ । ଏହି ସ୍ତର ଅତି ସରଳ । ଯେଉଁ ମନ୍ତ୍ରୀ ଏହି ବିଲ୍ ଆଗତ କରିବାକୁ ଚାହାଁନ୍ତି ସେ କକ୍ଷର ଅଧକ୍ଷଙ୍କୁ ଜଣାଇ ଥାଆନ୍ତି ଓ ବିଲ୍ ଆଗତ କରିବାର ଉଦ୍ଦେଶ୍ୟ କକ୍ଷରେ ଜଣାଇଥାଆନ୍ତି । ଯଦି ଏହା କକ୍ଷରେ ଗୃହୀତ ହେଲା, ଯାହାକି ଧ୍ୱନି ଭୋଟରେ ଗୃହୀତ ହୋଇଥାଏ ଓ ମନ୍ତ୍ରୀଙ୍କୁ ଚିଠା ଆଗତ କରିବା ପାଇଁ କୁହାଯାଏ ।

**(ଖ) ଦିତ୍ୱୀୟ ପାଠ :** ଏହି ସ୍ତର ଅତି ଗୁରୁତ୍ୱପୂର୍ଣ୍ଣ । ସାଧାରଣ ଚର୍ଚ୍ଚାପରେ କକ୍ଷ ପାଖରେ ଚାରୋଟି ବିକଳ୍ପ ଥାଏ ।

(i) ଏହା ସିଧାସଳଖ ବିଲ୍‌ଟିକୁ ପୁଙ୍ଖାନୁପୁଙ୍ଖ ଭାବରେ ଚର୍ଚ୍ଚା କରିବା ପାଇଁ ଗ୍ରହଣ କରେ (ପ୍ରତ୍ୟେକ ଅନୁଚ୍ଛେଦ ଅନୁସାରେ); କିମ୍ବା,


(ii) ଏହି ବିଲ୍‌ଟିକୁ କକ୍ଷଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର କମିଟି ପାଖକୁ ପଠାଇ ଦିଆଯାଏ ; କିମ୍ବା,

(iii) ସଂସଦର ଉଭୟ କକ୍ଷର ମିଳିତ କମିଟି ପାଖକୁ ପଠାଇ ଦିଆଯାଏ ; କିମ୍ବା,

(iv) ଏହାକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାରିତ କରି ସେମାନଙ୍କର ମତାମତ ଲୋଡ଼ାଯାଏ ।

ଯଦି ବିଲ୍‌ଟି ସ୍ୱତନ୍ତ୍ର ଭାବରେ ନିଯୁକ୍ତ କମିଟି ବା ଉଭୟ କକ୍ଷ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର କମିଟିକୁ ପଠାଯାଏ ତେବେ ସେହି କମିଟି ବିଲ୍‌ଟିକୁ ଟିକିନିଖି କରି ତର୍ଜମା କର । ପ୍ରତ୍ୟେକ ଅନୁଚ୍ଛେଦକୁ ତର୍ଜମା କରାଯାଏ । ଏହି କମିଟି ବୃତ୍ତିଗତ ବିଶେଷଜ୍ଞ ଓ ଆଇନ୍ ବିଶାରଦଙ୍କ ମତ ମଧ୍ୟ ଗ୍ରହଣ କରିପାରେ । ସମସ୍ତ ଚର୍ଚ୍ଚାପରେ କମିଟି ତା'ର ମତାମତ କକ୍ଷ ନିକଟରେ ଉପସ୍ଥାପନ କରେ ।

**(ଗ) ତୃତୀୟ ପାଠ :** ଦ୍ୱିତୀୟ ପାଠର ସମାପ୍ତି ପରେ ଉପସ୍ଥାପନ କରିଥିବା ମନ୍ତ୍ରୀ ବିଲ୍‌ଟିକୁ ପାଶ୍ କରିବା ପାଇଁ ପ୍ରସ୍ତାବ ଆଣନ୍ତି । ଏହି ସ୍ତରରେ ସାଧାରଣତଃ କୌଣସି ଆଲୋଚନା ହୁଏ ନାହିଁ । ସଭ୍ୟମାନେ ବିଲ୍‌କୁ ବିରୋଧ କରିପାରନ୍ତି ବା ସମର୍ଥନ କରିପାରନ୍ତି, ଯାହାକି ଗୃହରେ ଉପସ୍ଥିତ ସଭ୍ୟଙ୍କ ସଂଖ୍ୟାଗରିଷ୍ଠ ଭୋଟ ଦ୍ୱାରା କରାଯାଇଥାଏ ।





### ୨। ଅନ୍ୟ କକ୍ଷରେ ବିଲ୍ ବା ଚିଠା :

ବିଲ୍ ବା ଚିଠା ଗୋଟିଏ କକ୍ଷରେ ପାଶ୍ ହେଲା ପରେ ଅନ୍ୟକକ୍ଷକୁ ଯାଇଥାଏ । ସେଠାରେ ମଧ୍ୟ ସେହିପରି ତିନୋଟି ପାଠ ଦେଇ ଗତି କରିଥାଏ । ଏହାଦ୍ୱାରା ନିମ୍ନୋକ୍ତ ପରିଣାମ ହୋଇପାରେ ।

(କ) ସେହି କକ୍ଷ ବିଲ୍‌ଟିକୁ ପାଶ୍ କରିପାରେ ଓ ଏହା ହେଲେ ବିଲ୍‌କୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଁ ପଠାଯାଇପାରିବ ।

(ଖ) ଏହି କକ୍ଷ ବିଲ୍‌ଟିକୁ ସଂଶୋଧନ କରି ପାଶ୍ କରିପାରେ । ଏପରି ହେଲେ ବିଲ୍‌ଟିକୁ ପୂର୍ବକକ୍ଷକୁ ପଠାଯାଏ । ଏପରି ପରିସ୍ଥିତିରେ ପ୍ରଥମ କକ୍ଷ ସଂଶୋଧନକୁ ସମୀକ୍ଷା କରେ ଏବଂ ଯଦି ଏହି ସଂଶୋଧନଗୁଡ଼ିକୁ ଗ୍ରହଣ କରେ ତେବେ ବିଲ୍‌ଟିକୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଁ ପାଠା ଯାଏ । ଯଦି ପ୍ରଥମ କକ୍ଷ ସଂଶୋଧନକୁ ଗ୍ରହଣ କରେ କରେ ନାହିଁ ତେବେ ଏକ ଅଚଳ ଅବସ୍ଥା ସୃଷ୍ଟି ହୁଏ ।

(ଗ) ଏହି କକ୍ଷ ସଂଶୋଧନକୁ ଅଗ୍ରାହ୍ୟ କରିପାରେ । ଏହାର ଅର୍ଥ ହେଲା ଗୋଟିଏ ଅଚଳ ଅବସ୍ଥା ସୃଷ୍ଟି ହୋଇଛି । ଏହି ଅଚଳ ଅବସ୍ଥାର ସମାଧାନ କରିବା ପାଇଁ ରାଷ୍ଟ୍ରପତି ଉଭୟକକ୍ଷର ମିଳିତ ଅଧିବେଶନ ଆହ୍ୱାନ କରିପାରନ୍ତି । ଏପରି ମିଳିତ ଅଧିବେଶନ୍ ଭାରତରେ କ୍ୱଚିତ୍ ହୋଇଛି ଯେହେତୁ ବର୍ତ୍ତମାନ ପର୍ଯ୍ୟନ୍ତ କେବଳ ତିନୋଟି ଏପରି ଅଧିବେସନ ଅନୁଷ୍ଠିତ ହୋଇଛି ଏପରି ଅଧିବେସନ ୧୯୫୯ରେ ଯୌତୁକ ନିରୋଧ ବିଲ୍‌ପାଶ୍ ହେବାବେଳେ, ୧୯୭୮ରେ ବ୍ୟାଙ୍କ୍ ନିଯୁକ୍ତି ଆୟୋଗ (ସମାପ୍ତି କରିବା ପାଇଁ) ବିଲ୍ ପାଶ୍ ହେବା ବେଳେ ଓ ୨୦୦୨ର ଆତଙ୍କବାଦ ନିରୋଧ ବିଲ୍ ପାଶ୍ ହେବାପାଇଁ ସଂଗଠିତ ହୋଇଥିଲା ।

### ୩। ବିଲ୍‌କୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି :

ବିଲ୍ ବା ଚିଠା ଉଭୟ କକ୍ଷର ଅନୁମୋଦନ ବା ମିଳିତ ଅଧିବେଶନର ଅନୁମୋଦନ ପରେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଁ ପଠାଯାଏ । ରାଷ୍ଟ୍ରପତିଙ୍କ ପାଖରେ ମଧ୍ୟ କେତେକ ବିକଳ୍ପ ରହିଛି : (i) ସେ ବିଲ୍‌କୁ ସ୍ୱୀକୃତି ଦେଇ ପାରିବେ ଓ ଏହାଦ୍ୱାରା ତାହା ଆଇନ୍‌ରେ ପରିଣତ ହୁଏ । (ii) ସେ ନିଜ ସ୍ୱୀକୃତିକୁ ସ୍ଥଗିତ ରଖିପାରିବେ ବା କେତେକ ପରିବର୍ତ୍ତନ ପାଇଁ ପରାମର୍ଶ ଦେଇପାରିବେ । ଏପରି ସ୍ଥଳରେ ବିଲ୍‌ଟିକୁ ଆରମ୍ଭ କରିଥିବା କକ୍ଷକୁ ପଠାଇ ଦିଆଯିବ । କିନ୍ତୁ ଯଦି ଉଭୟ କକ୍ଷ ବିଲ୍‌ଟିକୁ ପୁନର୍ବାର ରାଷ୍ଟ୍ରପତିଙ୍କ ପ୍ରସ୍ତାବ ଅନୁସାରେ ବା ପ୍ରସ୍ତାବକୁ ଗ୍ରହଣ ନକରି ପାଶ କରନ୍ତି, ତେବେ ରାଷ୍ଟ୍ରପତି ସ୍ୱୀକୃତି ଦେବାକୁ ବାଧ୍ୟ । (iii) ୧୯୮୬ରେ ତତ୍କାଳୀନ ରାଷ୍ଟ୍ରପତି ଜ୍ଞାନୀ ଜୈଲ ସିଂହ ଏକ ନୂତନ ନିଷ୍ପତ୍ତି ନେବାର ଅଧିକାର ସୃଷ୍ଟି କରିଥିଲେ । ଡାକବିଭାଗ ଜନିତ ଏକ ବିଲ୍‌କୁ ସେ ସ୍ୱୀକୃତି ଦେଲେ ନାହିଁ ବା ସଂସଦକୁ ପୁନର୍ବିଚାର କରିବା ପାଇଁ ଫେରସ୍ତ କଲେ ନାହିଁ । ସେ କେତେକ ବିଷୟରେ ସ୍ୱଷ୍ଟତା ଜାଣିବାକୁ ଚାହିଁଥିଲେ, ଯାହାକି ତାଙ୍କୁ ଦିଆଯାଇନଥିଲା । ଏହା ଫଳରେ ବିଲ୍‌ଟି କାର୍ଯ୍ୟକାରୀ ହୋଇପାରିନଥିଲା ।

## ୧୧.୩.୨ ଅର୍ଥବିଲ୍ ବା ଅର୍ଥଚିଠା

ଅର୍ଥ ଚିଠା ସେହି ବିଲ୍ ଯାହା ମାଧ୍ୟମରେ କର ଧାର୍ଯ୍ୟ, ସରକାରଙ୍କର ବ୍ୟୟ ବରାଦ ଓ ଋଣ ଗ୍ରହଣ ବ୍ୟବସ୍ଥା ଇତ୍ୟାଦି ପ୍ରସ୍ତାବିତ ହୋଇଥାଏ । ଯଦି କୌଣସି ବିଲ୍ ଅର୍ଥବିଲ୍ ବା ସାଧାରଣ ବିଲ୍ ଏ ବିଷୟ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେଲେ ବାଚସ୍ପତିଙ୍କ ନିଷ୍ପତ୍ତି ଶେଷ ନିଷ୍ପତ୍ତି ବୋଲି ଧରାଯାଏ । ଅର୍ଥବିଲ୍ ସାଧାରଣ ବିଲ୍ ସଦୃଶ ତିନୋଟି ପାଠ ମାଧ୍ୟମରେ ଅଗ୍ରଗତି କରିଥାଏ । କିନ୍ତୁ ଏଥିରେ କେତେକ ବୈଶିଷ୍ଟ ରହିଛି । ସେଗୁଡ଼ିକ ହେଲା (i) ଅର୍ଥବିଲ୍ କେବଳ ଲୋକସଭାରେ ଆଗତ ହୋଇପରିବ, ରାଜ୍ୟସଭାରେ ନୁହେଁ ଓ ଏହାର ରାଷ୍ଟ୍ରପତିଙ୍କର



ସ୍ୱିକୃତି ପ୍ରାପ୍ତ ହୋଇ ରାଷ୍ଟ୍ରପତିଙ୍କ ତରଫରୁ ଆଗତ ହେବ । (ii) ଲୋକ ସଭାରେ ଏହା ଗୃହୀତ ହେଲାପରେ ରାଜ୍ୟସଭାକୁ ଯାଇଥାଏ । ରାଜ୍ୟସଭା ୧୪ ଦିନ ମଧ୍ୟରେ ଏହା ଉପରେ ବିଚାର କରି ତା'ର ମତ ପ୍ରଦାନ କରିଥାଏ । ରାଜ୍ୟସଭା ଗୋଟିଏ ଅର୍ଥବିଲ୍‌କୁ ନାକଚ୍ କରିପାରିବ ନାହିଁ । ଏହା କେବଳ ଏହାକୁ ଗୃହୀତ କରେ ବା ନିଜ ମତାମତ ଦେଇଥାଏ । (iv) ଯଦି ରାଜ୍ୟସଭା ତା'ର ମତାମତ ଦିଏ ତେବେ ବିଲ୍‌ଟି ଲୋକସଭାକୁ ଫେରି ଆସେ । ଲୋକସଭା ସେହି ମତାମତକୁ ଗ୍ରହଣ କରିପାରେ ବା ଅଗ୍ରାହ୍ୟ କରିଦେଇପାରେ । ଏହାପରେ କୌଣସି ପରିସ୍ଥିତିରେ ବିଲ୍‌ଟିକୁ ରାଜ୍ୟସଭାକୁ ପଠାଯାଏ ନାହିଁ । ଏହା ସିଧାସଳଖ ରାଷ୍ଟ୍ରପତିଙ୍କ ପାଖକୁ ସ୍ୱୀକୃତି ପାଇଁ ପଠାଇ ଦିଆଯାଏ । (v) ଯଦି ୧୪ ଦିନ ମଧ୍ୟରେ ରାଜ୍ୟସଭା ବିଲ୍‌ଟିକୁ ଲୋକସଭାକୁ ଫେରସ୍ତ କରେ ନାହିଁ ତେବେ ଧରାଯିବ ଯେ ବିଲ୍‌ଟି ଉଭୟ କକ୍ଷ ଦ୍ୱାରା ଅନୁମୋଦିତ ହେଲା ଓ ଏହା ରାଷ୍ଟ୍ରପତିଙ୍କ ପାଖକୁ ତାଙ୍କ ସ୍ୱୀକୃତି ପାଇଁ ପଠାଇ ଦିଆଯିବ ।

> ଯେଉଁ ବିଲ୍ ଆର୍ଥିକ ବିଷୟ ଉପର ଆଧାରିତ ଯେପରିକି କୌଣସି ଆର୍ଥିକ ଭାର, କୌଣସି ଆର୍ଥିକ ବ୍ୟବସ୍ଥାର ବିଲୋପନ, କୌଣସି କର ବ୍ୟବସ୍ଥାର ପରିବର୍ତ୍ତନ କିମ୍ବା ଋଣ କରାଯାଇଥିବା ଅର୍ଥର ନିୟନ୍ତ୍ରଣ ବା ଭାରତ ସରକାରଙ୍କ ଦ୍ୱାରା ଦିଆଯାଇଥିବା କୌଣସି ନିର୍ଭରୋକ୍ତି ବା ଭାରତ ସରକାରଙ୍କ ଦ୍ୱାରା ଦିଆଯାଇଥିବା କୌଣସି ଆଇନ୍‌ଗତ ଆର୍ଥିକ ପ୍ରତିଶ୍ରୁତି କିମ୍ବା ଏହା ଭାରତର ସଞ୍ଚିତ ପାଣ୍ଠି ବା ଆକସ୍ମିକ ପାଣ୍ଠି ସମ୍ବନ୍ଧୀୟ ହୋଇଥାଏ ତାକୁ ଅର୍ଥ ବିଲ୍ କୁହଯାଏ ।

## ୧୧.୩.୩. ବଜେଟ୍ ବା ବାର୍ଷିକ ଅର୍ଥବିଲ୍

ବଜେଟ୍ ହେଉଛି ଏକ ବାର୍ଷିକ ଆର୍ଥକ ବକ୍ତବ୍ୟ ଯେଉଁଥିରେ ଆଶା କରାଯାଇଥିବା କରରାଶି ଓ ସାଧାରଣ ଜନତାଙ୍କର ଅର୍ଥର ଖର୍ଚ୍ଚ ସମ୍ବନ୍ଧରେ ପ୍ରକାଶ କରାଯାଇଥିବା ଏକ ବିବରଣୀ । ଏହା ପ୍ରକୃତରେ ଏକ ଚିଠା ବା ବିଲ୍ ନୁହେଁ । ପ୍ରତ୍ୟେକ ବର୍ଷ ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଏହା ଲୋକସଭାରେ ଆଗତ ହୁଏ । ବଜେଟ୍ ପ୍ରସ୍ତୁତି ଏକ କଠିନ କାର୍ଯ୍ୟ । ଅର୍ଥମନ୍ତ୍ରୀ ଏହା ପ୍ରସ୍ତୁତ କରିଥାଆନ୍ତି, କିନ୍ତୁ ସମ୍ପୂର୍ଣ୍ଣ ସରକାରୀ କଳ ଏଥିରେ ଜଡ଼ିତ ହୋଇଥାଏ । ଭାରତରେ ବଜେଟ୍ ଦୁଇଭାଗରେ ଆଗତ ହୋଇଥାଏ । ତାହା ହେଲା ରେଳବାଇ ବଜେଟ୍ ଓ ସାଧାରଣ ବଜେଟ୍ ।

### (i) ବଜେଟ୍ ଆଗତ କରିବା :

ରେଳବାଇ ବଜେଟ୍ ସାଧାରଣତଃ ରେଳବାଇ ମନ୍ତ୍ରୀଙ୍କ ଦ୍ୱାରା ଫେବୃଆରୀ ମାସର ତୃତୀୟ ସପ୍ତାହରେ ଆଗତ ହୋଇଥାଏ ଓ ସାଧାରଣ ବଜେଟ୍ ପ୍ରାୟ ଫେବୃଆରୀ ମାସର ଶେଷ କାର୍ଯ୍ୟକାରୀ ଦିବସରେ ଆଗତ ହୋଇଥାଏ । ସାଧାରଣ ବଜେଟ୍ ଅର୍ଥମନ୍ତ୍ରୀଙ୍କ ଅଭିଭାଷଣ ସହ ଆଗତ ହୋଇଥାଏ । ବଜେଟ୍ ଆଗତ ହେବା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ଗୁପ୍ତ ରହିଥାଏ । ଅର୍ଥମନ୍ତ୍ରୀ ତାଙ୍କ ଅଭିଭାଷଣ ପରେ ଅର୍ଥବିଲ୍ ଆଗତ କରନ୍ତି ଯେଉଁଥିରେ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ କରଗୁଡ଼ିକ ଉଲ୍ଲେଖ ହୋଇଥାଏ । ଏହି ପ୍ରକ୍ରିୟା ଶେଷ ହେବା ପରେ ଅନ୍ୟ କୌଣସି ଚର୍ଚ୍ଚା ହୁଏ ନାହିଁ ଓ ସଂସଦର ସେହିଦିନର କାର୍ଯ୍ୟକ୍ରମ ଶେଷ ହୋଇଥାଏ ।

୧୯୯୩-୯୪ ରେ ସ୍ୱତନ୍ତ୍ର ବିଭାଗୀୟ କମିଟି ସୃଷ୍ଟି କରାଯାଇଛି । ଲୋକସଭା କେନ୍ଦ୍ରର ସମସ୍ତ ମୁଖ୍ୟ ବିଭାଗ ପାଇଁ କମିଟି ସୃଷ୍ଟି କରିଥାଏ । ଏହି ସ୍ୱତନ୍ତ୍ର କମିଟିଗୁଡ଼ିକ  ବିଭାଗ ମାନଙ୍କ ଦ୍ୱାରା ମଗାଯାଇଥିବା ଅର୍ଥ ଉପରେ ପୁଙ୍ଖାନୁପୁଙ୍ଖ ତର୍ଜମା କରି ସେମାନଙ୍କର ସୁପାରିଶ ଲୋକସଭା ନିକଟରେ ଆଗତ କରିଥାଆନ୍ତି ।

ବଜେଟ୍ ଉପରେ ସାଧାରଣ ଚର୍ଚ୍ଚା ଶେଷ ହେବା ପରେ ଲୋକସଭାକୁ ପ୍ରାୟ ତିନି ସପ୍ତାହ ପାଇଁ ସ୍ଥଗିତ ରଖାଯାଏ । ଏହି ସମୟରେ ସ୍ୱତନ୍ତ୍ର କମିଟି ଗୁଡ଼ିକ ବଜେଟ୍‌ର ତର୍ଜମା କରନ୍ତି ଓ ସେମାନଙ୍କର ମତ ପ୍ରଦାନ କରିଥାଆନ୍ତି । ଏହାଦ୍ୱାରା କକ୍ଷର ସମୟର ଅପଚୟ ହୁଏ ନାହିଁ । ଏହାପରେ ଲୋକସଭାରେ ଅର୍ଥ ପାଇଁ କରାଯାଇଥିବା ଦାବିକୁ ଗୋଟି ଗୋଟି ଭାବରେ ବା ପ୍ରାଞ୍ଜଳ ଭାବରେ ଆଲୋଚନା କରାଯାଏ ନାହିଁ ।





କୋରମର ଅର୍ଥ ହେଲା ଗୋଟିଏ କକ୍ଷରେ କାର୍ଯ୍ୟକ୍ରମ ଆରମ୍ଭ ହେବାପାଇଁ ଆବଶ୍ୟକ ସର୍ବନିମ୍ନ ସଭ୍ୟଙ୍କ ଉପସ୍ଥିତି । ଏହା ଗୋଟିଏ କକ୍ଷର ସମୁଦାୟ ସଭ୍ୟ ସଂଖ୍ୟାର ଏକ ଦଶମାଂଶ ବା ଦଶଭାଗରୁ ଏକ ଭାଗ ବୋଲି ଧରାଯାଏ । ଏହାର ଅର୍ଥ ହେଲା ଲୋକସଭା ବା ରାଜ୍ୟସଭାର କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ସମୁଦାୟ ସଭ୍ୟସଂଖ୍ୟାର ଏକଦଶମାଂଶ ସଭ୍ୟ ଉପସ୍ଥିତ ଥିବା ଆବଶ୍ୟକ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୧.୪

ପ୍ର. ୧। ସରକାରୀ ବିଲ୍‌ର ଅର୍ଥ କ'ଣ ?

ପ୍ର. ୨। ବେସରକାରୀ ସଭ୍ୟଙ୍କ ବିଲ୍‌ର ଅର୍ଥ କ'ଣ ?

ପ୍ର. ୩। କେତେବେଳେ ବେସରକାରୀ ସଭ୍ୟଙ୍କ ବିଲ୍ ଆଲୋଚିତ ହୋଇଥାଏ ?

ପ୍ର. ୪। କେଉଁ ବିଲ୍ ରାଜ୍ୟସଭାରେ ଆଗତ ହୋଇପାରିବ ନାହିଁ ।

ପ୍ର. ୫। କେତେବେଳେ ସଂସଦର ଉଭୟ କକ୍ଷର ମିଳିତ ଅଧିବେସନ ଆହ୍ୱାନ କରାଯାଇଥାଏ ?

ପ୍ର. ୬। ସଂସଦର ଯେକୌଣସି କକ୍ଷରେ କୋରମ୍ ପାଇଁ କ'ଣ ଆବଶ୍ୟକ ।

## ୧୧.୪ ରାଜ୍ୟସଭା ଓ ଲୋକସଭା – ଏକ ତୁଳନାତ୍ମକ ଆଲୋଚନା

ଆମେ ପୂର୍ବରୁ ଜାଣିଲେ ଯେ ସଂସଦର ଦୁଇ କକ୍ଷ ମଧ୍ୟରେ ଗଠନ ଦୃଷ୍ଟିରୁ ପାର୍ଥକ୍ୟ ରହିଛି । ସଂଘୀୟ ବ୍ୟବସ୍ଥା ଅନୁସାରେ ରାଜ୍ୟସଭା ଭାରତର ରାଜ୍ୟମାନଙ୍କର ପ୍ରତିନିଧିତ୍ୱ କରୁଥିବାବେଳେ ଲୋକସଭା ଭାରତର ଜନସାଧାରଣଙ୍କ ପ୍ରତିନିଧିତ୍ୱ କରିଥାଏ । ଏହି କାରଣରୁ ଉଭୟ କକ୍ଷର ନିର୍ବାଚନ ପଦ୍ଧତି ଭିନ୍ନ ଭିନ୍ନ ହୋଇଥାଏ । ରାଜ୍ୟମାନଙ୍କର ବିଧାନସଭା ସଭ୍ୟମାନେ ରାଜ୍ୟସଭାର ସଦସ୍ୟମାନଙ୍କୁ ନିର୍ବାଚିତ କରୁଥିବାବେଳେ ଲୋକସଭାର ସଦସ୍ୟମାନଙ୍କୁ ନିର୍ବାଚନରେ ଜନସାଧାରଣ ପ୍ରତ୍ୟେକ୍ଷ ଭାବରେ ଅଂଶ ଗ୍ରହଣ କରିଥାଆନ୍ତି ରାଜ୍ୟସଭା ଏକ ସ୍ଥାୟୀ କକ୍ଷ ହୋଇଥିବା ବେଳେ ଲୋକସଭାର କାର୍ଯ୍ୟକାଳ ପାଞ୍ଚବର୍ଷ ହୋଇଥାଏ । ସାମ୍ବିଧାନିକ ଦୃଷ୍ଟିକୋଣରୁ ଦୁଇକକ୍ଷ ମଧ୍ୟରେ ଥିବା ସମ୍ପର୍କକୁ ତିନୋଟି ଦୃଷ୍ଟିରୁ ଆଲୋଚନା କରାଯାଇ ପାରିବ –

୧। କେତେଗୁଡ଼ିଏ କ୍ଷମତା ଓ କାର୍ଯ୍ୟାବଳୀ ଦୃଷ୍ଟିରୁ ଲୋକସଭା ରାଜ୍ୟସଭାଠାରୁ ଅଧିକ କ୍ଷମତାଶାଳୀ । ଉଦାହରଣ ସ୍ୱରୂପ ଅର୍ଥବିଲ୍ କେବଳ ଲୋକସଭାରେ ଆଗତ ହୁଏ ଓ ଗୃହୀତ ହୁଏ । ସେହିପରି ମନ୍ତ୍ରୀମଣ୍ଡଳକୁ ବହିଷ୍କାର କରିବା ପାଇଁ ଅନାସ୍ଥାପ୍ରସ୍ତାବ କେବଳ ଲୋକ ସଭାରେ ଆଗତ ହୋଇପାରିବ ।

୨। କିନ୍ତୁ କେତେକ କ୍ଷେତ୍ରରେ ରାଜ୍ୟସଭାକୁ ମଧ୍ୟ ସମ୍ପୂର୍ଣ୍ଣ କ୍ଷମତା ଦିଆଯାଇଛି । ଏହି କ୍ଷମତା ରାଜ୍ୟସଭା ଲୋକସଭା ସହ ମିଳିତ ଭାବରେ କାର୍ଯ୍ୟକାରୀ କରି ନଥାଏ । ଉଦାହରଣ ସ୍ୱରୂପ ରାଜ୍ୟ ତାଲିକା ଭୁକ୍ତ କୌଣସି ବିଷୟ ଯଦି ରାଷ୍ଟ୍ର ପାଇଁ ଗୁରୁତ୍ୱ ପୂର୍ଣ୍ଣ ହୋଇଥାଏ ତେବେ ରାଜ୍ୟସଭା ହିଁ କେନ୍ଦ୍ର ସରକାରଙ୍କୁ ସେହି ବିଷୟ ଉପରେ ଆଇନ୍ ପ୍ରଣୟନ କରିବା ପାଇଁ ଅନୁମତି ଦେଇପାରିବ ।

୩। କିନ୍ତୁ କେତେକ କ୍ଷେତ୍ରରେ ଉଭୟ କକ୍ଷ ସମାନ କ୍ଷମତା ଉପଭୋଗ କରନ୍ତି । ଉଦାହରଣ ହେଲା ଅର୍ଥବିଲ୍ ବ୍ୟତିରେକ ଅନ୍ୟ ସମସ୍ତ ବିଲ୍, ଜରୁରୀକାଳୀନ ପରିସ୍ଥିତିର ଘୋଷଣାକୁ ସ୍ୱୀକୃତି, ମୁଲତବୀ ପ୍ରସ୍ତାବ ଓ ଅନ୍ୟାନ୍ୟ ପ୍ରସ୍ତାବ ଆଗତ ଉପରେ ଉଭୟ କକ୍ଷର ସମାନ କ୍ଷମତା ଥାଏ ।

ସଂସଦର ଉଭୟ କକ୍ଷର ସଭ୍ୟମାନେ ବାର୍ଷିକ ୨କୋଟି ଟଙ୍କା ସଂସଦର ସଭ୍ୟମାନଙ୍କର ଆଞ୍ଚଳିକ ଉନ୍ନତି ପାଇଁ ଉଦ୍ଦିଷ୍ଟ ପାଣ୍ଠିରୁ ପାଇଥାଆନ୍ତି । ଏହି ଅର୍ଥ ସିଧାସଳଖ ସଭ୍ୟମାନଙ୍କୁ ଦିଆନଯାଇ ସେହି ଜିଲ୍ଲାର ମୁଖ୍ୟ କାର୍ଯ୍ୟାଳୟକୁ ଦିଆଯାଇଥାଏ ଓ ସଂସଦର ସଦସ୍ୟ ଏହି ଅର୍ଥକୁ ନିଜ ଅଞ୍ଚଳର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମରେ ନିୟୋଗ କରିପାରିବେ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୧.୫

**ଶୂନ୍ୟସ୍ଥାନ ପୂରଣ କର ।**

୧। ବଜେଟ୍ କେବଳ ________ ରେ ଆଗତ ହୋଇପାରିବ ।

୨। ନୂତନ ସର୍ବଭାରତୀୟ ସେବାକୁ କେବଳ ________ ସୃଷ୍ଟି କରିପାରିବ ।

୩। ସଂସଦର ପ୍ରତ୍ୟେକ ସଦସ୍ୟ ପ୍ରତ୍ୟେକ ବର୍ଷ ଆଞ୍ଚଳିକ ଉନ୍ନତି ପାଣ୍ଠିରୁ________ ଟଙ୍କା ପାଇଥାଆନ୍ତି ।

## ତୁମେ କ'ଣ ଶିକ୍ଷା କଲ

ତୁମେ ଏହି ଅଧ୍ୟାୟରୁ ଜାଣିଲ ଯେ ସଂସଦ ଆମଦେଶର ମୁଖ୍ୟ ବ୍ୟବସ୍ଥାପକ ଅନୁଷ୍ଠାନ । ଏହା ଦୁଇଟି କକ୍ଷଦ୍ୱାରା ଗଠିତ — ରାଜ୍ୟସଭା ଓ ଲୋକସଭା ଏବଂ ରାଷ୍ଟ୍ରପତି ସଂସଦର ଏକ ଅବିଚ୍ଛେଦ୍ୟ ଅଙ୍ଗ ।ରାଜ୍ୟସଭା ଏକ ସ୍ଥାୟୀ ସଭା, ଯାହା କେବେ ବି ଭଙ୍ଗ କରାଯାଇ ପାରିବ ନାହିଁ । ରାଜ୍ୟସଭାର ପ୍ରତ୍ୟେକ ସଦସ୍ୟ ଛଅବର୍ଷ ପାଇଁ ନିର୍ବାଚିତ ହୁଅନ୍ତି ଏବଂ ପ୍ରତି ଦୁଇ ବର୍ଷରେ ଏକ ତୃତୀୟାଂଶ ସଭ୍ୟ ଅବସର ନିଅନ୍ତି । ରାଜ୍ୟସଭା ଭାରତର ରାଜ୍ୟମାନଙ୍କ ପ୍ରତିନିଧିତ୍ୱ କରେ । ଅପର ପକ୍ଷରେ ଲେକସଭା ବା ନିମ୍ନକକ୍ଷର କାର୍ଯ୍ୟକାଳ ପାଞ୍ଚବର୍ଷ ଓ ରାଷ୍ଟ୍ରପତି ପାଞ୍ଚବର୍ଷ ପୂର୍ଣ୍ଣ ହେବା ପୂର୍ବରୁ ଏହାକୁ ଭଙ୍ଗ କରିପାରିବେ । ଲୋକସଭାର ସଭ୍ୟମାନେ ପ୍ରତ୍ୟେକ୍ଷଭାବରେ ଜନସାଧାରଣଙ୍କ ଦ୍ୱାରା ସାର୍ବଜନୀନ ସାବାଳକ ଭୋଟ ପ୍ରଥା ଅନୁସାରେ ନିର୍ବାଚିତ ହୋଇଥାଆନ୍ତି । ଉପରାଷ୍ଟ୍ରପତି ରାଜ୍ୟସଭାରେ ଅଧ୍ୟକ୍ଷତା କରୁଥିବା ବେଳେ ଲେକସଭାରେ ବାଚସ୍ପତି ଅଧ୍ୟକ୍ଷତା କରନ୍ତି । ତୁମେ ଜାଣିଲ ଯେ ଉଭୟ କକ୍ଷର କୋରମ୍ ବା କାର୍ଯ୍ୟାରମ୍ଭ ପାଇଁ ଆବଶ୍ୟକ ନ୍ୟୁନତମ ସଭ୍ୟ ସଂଖ୍ୟା ହେଲା ସମୁଦାୟ ସଭ୍ୟ ସଂଖ୍ୟାର ଏକଦଶମାଂଶ । କୋରମ୍ ବିନା କୌଣସି କକ୍ଷରେ ଅଧିବେଶନ ଅନୁଷ୍ଠିତ ହୋଇପାରିବ ନାହିଁ । ତୁମେ ମଧ୍ୟ ବିସ୍ତୃତ ଭାବରେ ସଂସଦର ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ଆର୍ଥିକ, ନିର୍ବାଚନଗତ ଓ ଅନ୍ୟାନ୍ୟ କ୍ଷମତା ଓ ଏହାର ଆଇନ୍ ପ୍ରଣୟନ ପ୍ରଣାଳୀ ସମ୍ବନ୍ଧରେ ଜାଣିଲ । ସର୍ବଶେଷରେ ତୁମେ ଉଭୟକକ୍ଷର ତୁଳନା କରିବାକୁ ସକ୍ଷମ ହେଲ ଓ ଜାଣିଲ ଯେ ଲୋକସଭା ରାଜ୍ୟସଭାଠାରୁ ଅଧିକ କ୍ଷମତାଶାଳୀ ।

## ପାଠ୍ୟାନ୍ତ ଅଭ୍ୟାସ

୧। ରାଜ୍ୟସଭାର ଗଠନ ଓ ସଭ୍ୟମାନଙ୍କର ନିର୍ବାଚନ ପଦ୍ଧତି ବର୍ଣ୍ଣନା କର ?

୨। ଲୋକସଭାର ବାଚସ୍ପତିଙ୍କ କ୍ଷମତା ବର୍ଣ୍ଣନା କର ?

୩। ସଂସଦର କାର୍ଯ୍ୟାବଳୀ ଆଲୋଚନା କର ।

୪। ଭାରତରେ ଆଇନ୍ ପ୍ରଣୟନ ପ୍ରଣାଳୀ ବର୍ଣ୍ଣନା କର ?

୫। ସଂସଦର ଉଭୟକକ୍ଷ ମଧ୍ୟରେ ଥିବା ସମ୍ପର୍କର ଏକ ସମୀକ୍ଷା ପ୍ରଦାନ କର ?

୬। **ନିମ୍ନୋକ୍ତ ବିଷୟ ଉପରେ ସଂକ୍ଷେପରେ ଲେଖ —**

(କ) ରାଜ୍ୟସଭାର ସଦସ୍ୟ ହେବାପାଇଁ ଆବଶ୍ୟକ ଯୋଗ୍ୟତା

(ଖ) ଦ୍ୱିତୀୟ ପାଠ

(ଗ) ବଜେଟ୍ ବା ବାର୍ଷିକ ଅର୍ଥବିଲ୍ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀର ଉତ୍ତର

**୧୧.୧**

୧। ୨୫୦ — ୨। ୧୨

୩। ରାଜ୍ୟମାନଙ୍କର ବିଧାନ ସଭା — ୪। ୬ବର୍ଷ (୧/୩ପ୍ରତି ଦୁଇବର୍ଷରେ ଅବସର ନିଅନ୍ତି)

୫। ୩୦ବର୍ଷ — ୬। ଉପରାଷ୍ଟ୍ରପତି

**୧୧.୨**

୧। ୫୫୦ — ୨। ଉତ୍ତରପ୍ରଦେଶ

୩। ଦୁଇ — ୪। ଅନୁସୂଚିତ ଜାତି ଓ ଜନଜାତି

୫। ୧୮ବର୍ଷ ବା ତାଠାରୁ ଅଧିକ ବୟସର ସମସ୍ତ ଭାରତୀୟ ନାଗରିକ ।

୬। ରାଷ୍ଟ୍ରପତି — ୭। ଲୋକସଭାର ସଭ୍ୟମାନେ

**୧୧.୩**

୧। କେନ୍ଦ୍ର ତାଲିକା — ୨। ରାଜ୍ୟର ବିଧାନସଭା

୩। ଦୁଇ ବା ତତୋଧିକ ରାଜ୍ୟବିଧାନ ସଭା — ୪। ସଂସଦ

**୧୧.୪**

୧। କୌଣସି ମନ୍ତ୍ରୀଙ୍କ ଦ୍ୱାରା ଆଗତ ବିଲ୍‌କୁ ସରକାରୀ ବିଲ୍ କୁହାଯାଏ ।

୨। କୌଣସି ବିଲ୍ ଯାହା ସଂସଦର ଯେ କୌଣସି ସଭ୍ୟଙ୍କ ଦ୍ୱାରା ଆଗତ ହୁଏ କିନ୍ତୁ ମନ୍ତ୍ରୀଙ୍କ ଦ୍ୱାରା ଆଗତ ହୁଏ ନାହିଁ ତାକୁ ବେସରକାରୀ ସଭ୍ୟଙ୍କ ବିଲ୍ ବୋଲି କୁହାଯାଏ ।

୩। ବେସରକାରୀ ସଭ୍ୟଙ୍କ ବିଲ୍ କେବଳ ଶୁକ୍ରବାର ଦିନ ଆଲୋଚିତ ହୋଇଥାଏ ।

୪। ଅର୍ଥବିଲ୍ ରାଜ୍ୟସଭାରେ ଆଗତ ହୋଇ ପାରିବ ନାହିଁ ।

୫। ସଂସଦର ଉଭୟକକ୍ଷର ମିଳିତ ଅଧିବେଶନ ଦୁଇକକ୍ଷ ମଧ୍ୟରେ କୌଣସି ଅଣ ଅର୍ଥ ବିଲ୍ ବା ଆଇନ୍ ବିଲ୍‌କୁ ନେଇ ସୃଷ୍ଟି ହୋଇଥିବା ଅଚଳ ଅବସ୍ଥାର ସମାଧାନ ପାଇଁ ଆହୂତ ହୋଇଥାଏ ।

୬। ଗୋଟିଏ କକ୍ଷର ଏକ ଦଶମାଂଶ ସଭ୍ୟସଂଖ୍ୟା ଦ୍ୱାରା ।

**୧୧.୫**

୧। ଲୋକସଭା । ୨। ରାଜ୍ୟସଭା । ୩। ଦୁଇକୋଟି ଟଙ୍କା

## ପାଠ୍ୟାନ୍ତ ପ୍ରଶ୍ନାବଳୀର ସୂଚନା

୧। ୧୧.୧.୧ ବିଭାଗକୁ ଦେଖ

୨। ୧୧.୧.୦ ବିଭାଗକୁ ଦେଖ

୩। ୧୧.୨ ବିଭାଗକୁ ଦେଖ

୪। ୧୧.୩ ବିଭାଗକୁ ଦେଖ

୫। ୧୧.୪ ବିଭାଗକୁ ଦେଖ

୬। ୧୧.୧.୨ (କ) ବିଭାଗକୁ ଦେଖ

୭। ୧୧.୩.୧ (ଖ) ବିଭାଗକୁ ଦେଖ

୮। ୧୧.୩.୩ (ଗ) ବିଭାଗକୁ ଦେଖ